# NATIONAL NEWS BULLETIN (ODIA)
## 23 December - 2025
## Evening Bulletin : 7.15 p.m.

*********************************

## ମୁଖ୍ୟ ସମ୍ବାଦ

- ନୂଆଦିଲ୍ଲୀ ଠାରେ ରାଷ୍ଟ୍ରୀୟ ବିଜ୍ଞାନ ପୁରସ୍କାର ୨୦୨୫ ପ୍ରଦାନ କଲେ ରାଷ୍ଟ୍ରପତି ।
- ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ଏସ୍.ଆଇ.ଆର୍. ଅଧୀନରେ ଛତିଶଗଡ଼ ଏବଂ କେରଳରେ ଚିଠା ଭୋଟର ତାଲିକା ପ୍ରକାଶ ।
- ଭି.ବି.ଜି.ରାମ୍.ଜି. ଆଇନ୍ କୃଷକ ଓ ଶ୍ରମିକଙ୍କ କଲ୍ୟାଣ ପାଇଁ ଏକ ଐତିହାସିକ ପଦକ୍ଷେପ, କହିଲେ କେନ୍ଦ୍ର କୃଷି ମନ୍ତ୍ରୀ ।
- ମାଲକାନଗିରି ଜିଲ୍ଲାରେ ୨୨ ଜଣ ମାଓବାଦୀଙ୍କ ଆତ୍ମସମର୍ପଣ ।

ଏବଂ

- ବିଶାଖାପାଟଣା ମହିଳା ଟି-ଟ୍ୱେଣ୍ଟି କ୍ରିକେଟ୍ ପ୍ରତିଯୋଗିତାରେ ଟସ୍ ଜିତି ଭାରତର ବୋଲିଂ ନିଷ୍ପତ୍ତି ।

## ପ୍ରେଜ୍-ବିଜ୍ଞାନ ଆୱାର୍ଡ୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ରାଷ୍ଟ୍ରୀୟ ବିଜ୍ଞାନ ପୁରସ୍କାର ୨୦୨୫ ପ୍ରଦାନ କରିଛନ୍ତି । ନୂଆଦିଲ୍ଲୀର ରାଷ୍ଟ୍ରପତି ଭବନରେ ଆଜି ଆୟୋଜିତ ଏକ କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ମୁର୍ମୁ ଏହି ପୁରସ୍କାର ପ୍ରଦାନ କରିଛନ୍ତି । ବିଜ୍ଞାନ ପ୍ରଯୁକ୍ତିବିଦ୍ୟା ଏବଂ ନବସୃଜନ କ୍ଷେତ୍ରରେ ଉତ୍କର୍ଷ ପ୍ରତିପାଦନ କରିଥିବା ବ୍ୟକ୍ତିବିଶେଷଙ୍କୁ ଏହି ପୁରସ୍କାର ପାଇଁ ମନୋନୀତ କରାଯାଇଥିଲା । ବିଜ୍ଞାନ ରତ୍ନ, ବିଜ୍ଞାନ ଶ୍ରୀ, ବିଜ୍ଞାନ ଯୁବଶାନ୍ତି ସ୍ୱରୂପ ଭଟନାଗର ଏବଂ ବିଜ୍ଞାନ ଟିମ୍ ଆଦି ଚାରୋଟି ବର୍ଗରେ ଏହି ପୁରସ୍କାର ପ୍ରଦାନ କରାଯାଇଛି । ପଦ୍ମବିଭୂଷଣ ପ୍ରଫେସର ଜୟନ୍ତ ବିଷ୍ଣୁ ନର୍ଲିକର୍‌ଙ୍କୁ ମରଣୋତ୍ତର ଭାବେ ବିଜ୍ଞାନ ରତ୍ନ ପୁରସ୍କାର ପ୍ରଦାନ କରାଯାଇଛି । ୮ ଜଣ ବୈଜ୍ଞାନିକଙ୍କୁ ବିଜ୍ଞାନ ଶ୍ରୀ, ୧୪ ଜଣ ଯୁବ ବୈଜ୍ଞାନିକଙ୍କୁ ବିଜ୍ଞାନ ଯୁବ ଶାନ୍ତି ସ୍ୱରୂପ ଭଟନାଗର୍ ଏବଂ ଆରୋମା ମିଶନ୍ ସି.ଏସ୍.ଆଇ.ଆର୍. ଦଳକୁ ବିଜ୍ଞାନ ଟିମ୍ ପୁରସ୍କାରରେ ସମ୍ମାନିତ କରାଯାଇଛି ।

## ଇସିଆଇ-ଛତିଶଗଡ଼-ଏସ୍‌ଆଇଆର୍

ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ଏସ୍.ଆଇ.ଆର୍. ଅଧୀନରେ ଛତିଶଗଡ଼ରେ ଚିଠା ଭୋଟର ତାଲିକା ପ୍ରକାଶ ପାଇଛି । ଆକାଶବାଣୀ ସମ୍ବାଦ ବିଭାଗ ସହ ଆଲୋଚନା କାଳରେ ରାଜ୍ୟର ମୁଖ୍ୟ ନିର୍ବାଚନ ଅଧିକାରୀ ଯଶୋବନ୍ତ କୁମାର କହିଛନ୍ତି, ଏହି ସଂଶୋଧନ ପ୍ରକ୍ରିୟା

ଅଧୀନରେ ଛତିଶଗଡ଼ର ୧ କୋଟି ୮୪ ଲକ୍ଷ ୯୫ ହଜାର ୯୨୦ ଭୋଟରଙ୍କ ଠାରୁ ଗଣନା ଫର୍ମ ସଂଗ୍ରହ କରାଯାଇଛି ।

୬ ଲକ୍ଷ ୪୨ ହଜାର ୨୩୪ ଭୋଟରଙ୍କର ମୃତ୍ୟୁ ହୋଇଥିବା ସେ କହିଛନ୍ତି । ୧୯ ଲକ୍ଷ ୧୩ ହଜାର ୫୪୦ ଭୋଟର ସ୍ଥାନାନ୍ତରିତ କିମ୍ବା ଅନୁପସ୍ଥିତ ରହିଛନ୍ତି । ୧ ଲକ୍ଷ ୭୯ ହଜାର ୪୩ ଭୋଟରଙ୍କ ନାମ ଏକାଧିକ ସ୍ଥାନରେ ପଞ୍ଜିକୃତ ହୋଇଥିବା ଜଣାପଡ଼ିଛି । ପୂର୍ବ ଭୋଟର ତାଲିକାରେ ଛତିଶଗଡ଼ର ମୋଟ୍ ୨ କୋଟି ୧୨ ଲକ୍ଷ ୩୦ ହଜାର ୭୩୭ ଭୋଟର ରହିଥିଲେ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ଶ୍ରୀ କୁମାର କହିଛନ୍ତି । ଏହି ଚିଠା ଭୋଟର ତାଲିକା ସହିତ ଜଡ଼ିତ ଦାବି ଏବଂ ଆପତ୍ତି ଉପରେ ଆଜିଠାରୁ ଆସନ୍ତାମାସ ୨୨ ତାରିଖ ପର୍ଯ୍ୟନ୍ତ ଅଭିଯୋଗ ପତ୍ର ଗ୍ରହଣ କରାଯିବ । ଜାନୁଆରୀ ୧୪ ତାରିଖ ପର୍ଯ୍ୟନ୍ତ ଶୁଣାଣି ଏବଂ ଯାଞ୍ଚ କରାଯିବ । ଫେବୃୟାରୀ ୨୧ ତାରିଖରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇବ ବୋଲି ସେ କହିଛନ୍ତି । କେରଳରେ ମଧ୍ୟ ଆଜି ଅଭିଯାନ ଅଧୀନରେ ଚିଠା ଭୋଟର ତାଲିକା ପ୍ରକାଶ ପାଇଛି ।

# ପିଏମ୍-ଗୋୟଲ୍ ଏଫ୍‌ଟି ଆର୍ଟିକିଲ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭାରତ-ନ୍ୟୁଜିଲାଣ୍ଡ ମୁକ୍ତ ବାଣିଜ୍ୟ ଚୁକ୍ତିନାମାକୁ ଐତିହାସିକ ମାଇଲ୍‌ଖୁଣ୍ଟ ଭାବେ ପ୍ରଶଂସା କରିଛନ୍ତି । ଏହି ମୁକ୍ତ ବାଣିଜ୍ୟ ଚୁକ୍ତିନାମା ମହିଳା ନେତୃତ୍ୱାଧୀନ ଦଳ ଦ୍ୱାରା କାର୍ଯ୍ୟକାରୀ କରାଯାଇଛି ବୋଲି ସେ କହିଛନ୍ତି । ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପୀୟୂଷ

ଗୋୟଲଙ୍କ ଏକ ଲେଖା ଉପରେ ପ୍ରତିକ୍ରିୟା ପ୍ରକାଶ କରି ଶ୍ରୀ ମୋଦୀ କହିଛନ୍ତି, ଏହି ଚୁକ୍ତିନାମା ଦେଶର ଅର୍ଥନୀତିକୁ ଅଧିକ ମଜବୁତ କରିବା ସହିତ ଲୋକଙ୍କ ଜୀବନଯାପନରେ ଉନ୍ନତି ଆଣିପାରିବ ।

ଶ୍ରୀ ଗୋୟଲ ତାଙ୍କ ଲେଖାରେ ମୁକ୍ତ ବାଣିଜ୍ୟ ଚୁକ୍ତିନାମା ଦେଶର ବାଣିଜ୍ୟ କୂଟନୈତିକ କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ବର୍ଣ୍ଣନା କରିଛନ୍ତି । କ୍ଷୁଦ୍ର ବ୍ୟବସାୟୀ, କୃଷିଜୀବୀ, ଯୁବବର୍ଗ ଏବଂ ମହିଳା ଏହାଦ୍ୱାରା ଅଧିକ ସୁଫଳ ପାଇବେ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି । ବିଶ୍ୱ ବଜାରରେ ଭାରତୀୟ ସାମଗ୍ରୀ ପ୍ରବେଶ ପାଇଁ ନୂତନ ପଥ ଉନ୍ମୁକ୍ତ ହୋଇଥିବା ବେଳେ ନିଯୁକ୍ତି କ୍ଷେତ୍ର ଅଧିକ ସଶକ୍ତ ହୋଇପାରିବ । ଶ୍ରୀ ଗୋୟଲ କହିଛନ୍ତି, ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଭାରତ-ନ୍ୟୁଜିଲାଣ୍ଡ ବାଣିଜ୍ୟ ଚୁକ୍ତିନାମାକୁ ମିଶାଇ ୭ଟି ଏଭଳି ଚୁକ୍ତିନାମା ସ୍ୱାକ୍ଷରିତ ହୋଇସାରିଛି । ଭାରତର ବିଶ୍ୱ ବାଣିଜ୍ୟ ସହଭାଗିତାକୁ ଏହା ଅଧିକ ବ୍ୟାପକ କରିଛି ବୋଲି ସେ କହିଛନ୍ତି । ମୁକ୍ତ ବାଣିଜ୍ୟ ଚୁକ୍ତିନାମା ଚୂଡ଼ାନ୍ତ ହେବା ପରେ ଭାରତରୁ ନ୍ୟୁଜିଲାଣ୍ଡକୁ ରପ୍ତାନୀ ହେବାକୁ ଥିବା ସମସ୍ତ ଦ୍ରବ୍ୟ ଶୁଳ୍କ ମୁକ୍ତ ହେବ ।

## ପେସା

ଆନ୍ଧ୍ରପ୍ରଦେଶର ବିଶାଖାପାଟଣା ଠାରେ ଆଜିଠାରୁ ଦୁଇଦିନିଆ ପେସା ମହୋତ୍ସବ ଆରମ୍ଭ ହୋଇଛି । ରାମକୃଷ୍ଣ ବେଳାଭୂମିରେ ପେସା ଦୌଡ଼ ସହିତ ପଞ୍ଚାୟତ ଅନୁସୂଚୀତ ଅଞ୍ଚଳକୁ ସମ୍ପ୍ରସାରଣ ଆଇନ୍ ୧୯୯୬

ପେସାର ବର୍ଷ ପୂର୍ତ୍ତି ପାଳନ ହୋଇଛି । ପେସା ଦୌଡ଼ରେ ସମାଜର ବିଭିନ୍ନ ବର୍ଗର ଲୋକ ଉତ୍ସାହର ସହ ଅଂଶଗ୍ରହଣ କରିଛନ୍ତି । ଅର୍ଜୁନ ପୁରସ୍କାର ପ୍ରାପ୍ତ ଭାରତର ପ୍ରମୁଖ ତୀର ଚାଳନା ଖେଳାଳି ଜ୍ୟୋତି ସୁରେଖା ଭେନମ୍ ପତାକା ଦେଖାଇ ଏହି ଦୌଡ଼ର ଶୁଭାରମ୍ଭ କରିଥିଲେ । ପଞ୍ଚାୟତରାଜ ମନ୍ତ୍ରଣାଳୟ ଏବଂ ରାଜ୍ୟସ୍ତରୀୟ ବରିଷ୍ଠ ପଦାଧିକାରୀ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ । ଅନୁସୂଚୀତ ଅଞ୍ଚଳରେ ଆଦିବାସୀ ସମ୍ପ୍ରଦାୟଙ୍କ ଅଧିକାର ତଥା ସାଂସ୍କୃତିକ ପରିଚୟକୁ ସ୍ୱୀକୃତି ଦେବା ଲକ୍ଷ୍ୟରେ ପେସା ଆଇନ୍ ପ୍ରଚଳନ କରାଯାଇଛି ।

## ଚୌହାନ-ଫାର୍ମସ୍ ଡେ

ବିକଶିତ ଭାରତ ନିଶ୍ଚିତ ଗ୍ରାମିଣ ରୋଜଗାର ଓ ଆଜିବିକା ମିଶନ୍ – ଭି.ବି.ଜି.ରାମ୍.ଜି. ଆଇନ୍ କୃଷକ ଏବଂ ଶ୍ରମିକଙ୍କ କଲ୍ୟାଣ ପାଇଁ ଏକ ଐତିହାସିକ ପଦକ୍ଷେପ ବୋଲି କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂହ ଚୌହାନ କହିଛନ୍ତି । ଜାତୀୟ କୃଷକ ଦିବସ ପାଳନ ଅବସରରେ ଆଜି ଦେଶ ବ୍ୟାପି କୃଷକଙ୍କ ସହ ଆଭାସୀ ମାଧ୍ୟମରେ ଆଲୋଚନା ସମୟରେ ମନ୍ତ୍ରୀ ଶ୍ରୀ ଚୌହାନ କହିଛନ୍ତି, ଏହି ନୂତନ ଆଇନ୍ ପୂର୍ବରୁ କାର୍ଯ୍ୟକାରୀ ହୋଇଥିବା ମନରେଗା ଆଇନ୍‌କୁ ଅଧିକ ମଜବୁତ କରିଛି । କୃଷି ଋତୁରେ ଶ୍ରମିକଙ୍କ ଉପଲବ୍ଧତାକୁ ଏହି ଆଇନ୍ ଅଧିକ ସୁନିଶ୍ଚିତ କରିବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି । ମନରେଗା ଯୋଜନା ଅଧୀନରେ

ପୂର୍ବରୁ ରହିଥିବା ୧୦୦ଦିନର ନିଶ୍ଚିତ ଶ୍ରମ ଦିବସକୁ ଏହି ଆଇନ୍ ବଳରେ ୧୨୫ଦିନକୁ ବୃଦ୍ଧି କରାଯାଇଛି ବୋଲି ସେ କହିଛନ୍ତି ।

**V/O-1-SHIVRAJ-G-RAM-G-1**

## ଜୟଶଙ୍କର-ଶ୍ରୀଲଙ୍କା

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ଆଜି ଶ୍ରୀଲଙ୍କା ପ୍ରତିପକ୍ଷ ଭିଜିତା ହେରାଥ୍ ଏବଂ ସ୍ୱାସ୍ଥ୍ୟ ମନ୍ତ୍ରୀ ନଲିନ୍ଦା ଜେ ଏବଂ ଶ୍ରମ ଓ ଉପ ଅର୍ଥମନ୍ତ୍ରୀ ଅନୀଲ ଜୟନ୍ତଙ୍କ ସହ ମଧ୍ୟ ଆଲୋଚନା କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଡକ୍ଟର ଜୟଶଙ୍କର କହିଛନ୍ତି, ବାତ୍ୟା ଦିତୱା ପରବର୍ତ୍ତୀ ଶ୍ରୀଲଙ୍କାରେ ପୁନରୁଦ୍ଧାର ଏବଂ ପୁନଃ ନିର୍ମାଣ କାର୍ଯ୍ୟରେ ଭାରତ ସମ୍ପୂର୍ଣ୍ଣ ସହଯୋଗ ପ୍ରଦାନ କରୁଛି ।

ଆଲୋଚନା କାଳରେ ଶ୍ରୀଲଙ୍କା ଉପସ୍ଥାପନ କରିଥିବା ପୁନଃ ନିର୍ମାଣ ପ୍ୟାକେଜର କାର୍ଯ୍ୟାନ୍ୱୟନ ଏବଂ ଅଧିକ ରିଲିଫ୍ ପଦକ୍ଷେପ ବିଷୟରେ ଉଭୟ ପକ୍ଷଙ୍କ ମଧ୍ୟରେ ମତବିନିମୟ ହୋଇଛି । ପରେ ଡକ୍ଟର ଜୟଶଙ୍କର ଶ୍ରୀଲଙ୍କାରେ ଅବସ୍ଥାପିତ ଭାରତୀୟ ବ୍ୟବସାୟିକ ସମ୍ପ୍ରଦାୟର ସଦସ୍ୟଙ୍କ ସହ ମଧ୍ୟ ଆଲୋଚନା କରିଛନ୍ତି । ବାତ୍ୟା ଦିତୱା ପ୍ରଭାବିତ ଶ୍ରୀଲଙ୍କାର ବିଭିନ୍ନ ଅଞ୍ଚଳରେ ଭାରତର ସହଯୋଗକୁ ସେମାନେ ଉଚ୍ଚ ପ୍ରଶଂସା କରିଛନ୍ତି । ଶ୍ରୀଲଙ୍କାର ବିରୋଧୀ ଦଳ ନେତା ସାଜିଥ୍ ପ୍ରେମଦାସଙ୍କ ସହ ମଧ୍ୟ ଡକ୍ଟର ଜୟଶଙ୍କର ବିଭିନ୍ନ ପ୍ରସଙ୍ଗ ନେଇ ଆଲୋଚନା କରିଛନ୍ତି ।

# ମାଓବାଦୀ ଆତ୍ମସମର୍ପଣ

ମାଓବାଦୀ ଦମନ ଅଭିଯାନରେ ଆଜି ଓଡ଼ିଶା ପୁଲିସକୁ ଏକ ବଡ଼ ଧରଣର ସଫଳତା ମିଳିଛି। ମାଲକାନଗିରି ଜିଲ୍ଲା ପୁଲିସ କାର୍ଯ୍ୟାଳୟ ପରିସରରେ ରାଜ୍ୟ ପୁଲିସ ମହାନିର୍ଦ୍ଦେଶକ–ଡିଜିପି' ଯୋଗେଶ ବାହାଦୂର ଖୁରାନିଆଙ୍କ ଉପସ୍ଥିତିରେ ୨୨ ଜଣ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ସମାଜରେ ସମ୍ମାନଜନକ ଭାବେ ଜୀବନଯାପନ କରିବା ପାଇଁ ସରକାରଙ୍କ ପକ୍ଷରୁ ସେମାନଙ୍କୁ ସମସ୍ତ ପ୍ରକାର ସହାୟତା ଯୋଗାଇ ଦିଆଯିବ। ରାଜ୍ୟ ସରକାରଙ୍କ ଆତ୍ମସମର୍ପଣ ଓ ପୁର୍ନବାସ ନୀତି ଉପରେ ଆସ୍ଥା ରଖି ମାଓବାଦୀମାନେ ସମାଜର ମୁଖ୍ୟସ୍ରୋତରେ ସାମିଲ ହେବା ପାଇଁ ନିଷ୍ପତ୍ତି ନେଇଛନ୍ତି ବୋଲି ଡିଜିପି ଶ୍ରୀ ଖୁରାନିଆ କହିଛନ୍ତି।

ଆତ୍ମସମର୍ପଣ କରିଥିବା ମାଓବାଦୀଙ୍କ ମଧ୍ୟରେ ଜଣେ ଡିଭିଜ୍‌ନାଲ କମିଟି ସଦସ୍ୟ, ୬ ଜଣ ଏରିଆ କମିଟି ସଦସ୍ୟଙ୍କ ସମେତ ୧୫ ଜଣ ପାର୍ଟି ସଦସ୍ୟ ସାମିଲ ଅଛନ୍ତି। ଏହା ବ୍ୟତୀତ ସେମାନଙ୍କ ମଧ୍ୟରେ ୧୦ ଜଣ ମହିଳା କ୍ୟାଡର ମାଓବାଦୀ ରହିଛନ୍ତି।

ପୁନର୍ବାସ ଓ ଥଇଥାନ ନୀତି ଅନୁଯାୟୀ, ସମସ୍ତ ଆତ୍ମସର୍ମପଣକାରୀଙ୍କୁ ୧ କୋଟି ୮୪ ଲକ୍ଷ ୨୫ ହଜାର ଟଙ୍କା ପ୍ରଦାନ କରାଯିବ। ଏଥିସହ ରାଜ୍ୟ ସରକାରଙ୍କ ଅନ୍ତୋଦୟ ଯୋଜନାରେ ବାସଗୃହ, ବିବାହ ପ୍ରୋତ୍ସାହନ ରାଶି, ୩୬ ମାସ ପର୍ଯ୍ୟନ୍ତ ୧୦ ହଜାର ଟଙ୍କା ଲେଖାଏଁ ବୃତ୍ତି ସହାୟତା, ରାସନ ଓ ସ୍ୱାସ୍ଥ୍ୟ କାର୍ଡ ପ୍ରଦାନ କରାଯିବ।

# ଆଇଟି-ଡିପାର୍ଟମେଣ୍ଟ-ଏନ୍‌ୟୁଡିଜିଇ

ଚଳିତ ମୂଲ୍ୟାୟନ ବର୍ଷ ପାଇଁ ଆୟକର ବିଭାଗ ପକ୍ଷରୁ ଅଣ ହସ୍ତକ୍ଷେପ ବ୍ୟବହାର ଯୁକ୍ତ ତଥ୍ୟ ପରାମର୍ଶ – **NUDGE** ଅଭିଯାନ ଆରମ୍ଭ ହୋଇଛି । କରଦାତାଙ୍କୁ ସ୍ୱେଚ୍ଛାକୃତ ଭାବେ ନିଜ ଉପସ୍ଥାପିତ ତଥ୍ୟକୁ ପୁନଃ ସମୀକ୍ଷା କରିବା ସହ ରିହାତି ଦାବିକୁ ପ୍ରୋତ୍ସାହନ ପ୍ରଦାନ କରିବା ଲକ୍ଷ୍ୟରେ ଏହି ଅଭିଯାନ ଆରମ୍ଭ ହୋଇଥିବା ଆୟକର ବିଭାଗ କହିଛି । ଚଳିତ ମାସ ୩୧ ତାରିଖ ସୁଦ୍ଧା ସଂଶୋଧିତ ଆଇ.ଟି.ଆର୍. ଦାଖଲ କରିବାକୁ କୁହାଯାଇଛି । ଏଥିପାଇଁ ଚିହ୍ନଟ କରଦାତାଙ୍କୁ ଏସ୍.ଏମ୍.ଏସ୍. ଏବଂ ଇ-ମେଲ୍ ମାଧ୍ୟମରେ ଅନୁରୋଧ କରାଯାଉଛି । ବିଭାଗ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତିରେ କୁହାଯାଇଛି, ଏହି ଅଭିଯାନ ସ୍ୱଚ୍ଛ ଏବଂ ବିଶ୍ୱାସ ଆଧାରିତ ପଦ୍ଧତିକୁ ପ୍ରତିଫଳିତ କରୁଛି । କରଦାତାଙ୍କୁ ସ୍ୱଚ୍ଛାକୃତ ସଂଶୋଧନ ପାଇଁ ଏହା ପ୍ରୋତ୍ସାହନ ପ୍ରଦାନ କରୁଛି ।

ଚଳିତ ଆର୍ଥିକ ବର୍ଷରେ ୨୧ ଲକ୍ଷରୁ ଅଧିକ କରଦାତା ସେମାନଙ୍କ ଦ୍ୱାରା ଦାଖଲ ହୋଇଥିବା ୨୦୨୧-୨୨ରୁ ଗତ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ଆଇ.ଟି.ଆର୍.କୁ ସଂଶୋଧନ କରିସାରିଛନ୍ତି । ଏ ବାବଦରେ ଅଢ଼େଇ ହଜାର କୋଟିରୁ ଅଧିକ ଟିକସ ମିଳିଛି ବୋଲି ବିଭାଗ ସୂଚନା ଦେଇଛି । ଚଳିତ ମୂଲ୍ୟାୟନ ବର୍ଷ ପାଇଁ ୧୫ ଲକ୍ଷରୁ ଅଧିକ ଆଇ.ଟି.ଆର୍. ସଂଶୋଧନ କରାଯାଇ ସାରିଥିବା ନେଇ ବିଭାଗ କହିଛି ।

## ସିଭିଲ୍-ଆଭିଏସନ୍

ଭାରତ ମର୍ଯ୍ୟାଦାପୂର୍ଣ୍ଣ ଆନ୍ତର୍ଜାତିକ ବେସାମରିକ ବିମାନ ଚଳାଚଳ ସଂଗଠନ ଆଇ.ସି.ଏ.ଓ. ପରିଷଦକୁ ପୁନଃ ନିର୍ବାଚିତ ହୋଇଛି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ରାମମୋହନ ନାଇଡୁ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଭାରତ ବିମାନ ଚଳାଚଳ କ୍ଷେତ୍ରରେ ବିଶ୍ୱରେ ଗୁରୁତ୍ୱପୂର୍ଣ୍ଣ ସ୍ୱୀକୃତି ହାସଲ କରିଛି । ସଂଗଠନର ନୋ-କଣ୍ଟ୍ରି ଲେଫ୍ଟ ବିହାଇଣ୍ଡ ଇନିସିଏଟିଭ୍ କାର୍ଯ୍ୟକ୍ରମ ପ୍ରତି ଭାରତର ସମର୍ଥନ ଉପରେ ସମୀକ୍ଷା କରାଯାଇଛି ବୋଲି ଶ୍ରୀ ନାଇଡୁ କହିଛନ୍ତି । ବିଶ୍ୱସ୍ତରରେ ବିମାନ ଚଳାଚଳ କ୍ଷେତ୍ରରେ ଭାରତ ଏକ ପ୍ରମୁଖ ଅଂଶିଦାର ହେବା ସହିତ ବିକାଶଶୀଳ ଦେଶଗୁଡ଼ିକୁ ସହାୟତା ପ୍ରଦାନ କରୁଛି ବୋଲି ସେ କହିଛନ୍ତି ।

## ଖେଳ

ବିଶାଖାପାଟଣା ମହିଳା ଟି-ଟ୍ୱେଣ୍ଟି ଆନ୍ତର୍ଜାତିକ କ୍ରିକେଟ୍ ମ୍ୟାଚ୍‌ରେ ଟସ୍ ଜିତି ଭାରତ ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଛି । ଭାରତ-ଶ୍ରୀଲଙ୍କା ଚଳିତ ପାଞ୍ଚଟିକିଆ ମହିଳା ଟି-ଟ୍ୱେଣ୍ଟି ସିରିଜ୍‌ର ଏହା ହେଉଛି ଦ୍ୱିତୀୟ ମ୍ୟାଚ୍ । ସମ୍ବାଦ ପ୍ରସ୍ତୁତ ହେବା ବେଳକୁ ଶ୍ରୀଲଙ୍କା ୩ ଓଭରରେ ଗୋଟିଏ ୱିକେଟ୍ ବିନିମୟରେ ୨୨ ରନ୍ ସଂଗ୍ରହ କରିଥିଲା । ପ୍ରଥମ

ମ୍ୟାଚ୍‌କୁ ଜିତି ଭାରତ ସିରିଜ୍‌ରେ ୧-୦ରେ ଆଗୁଆ ରହିଛି । ଅନ୍ୟ ତିନୋଟି ମ୍ୟାଚ୍ ଥିରୁବନନ୍ତପୁରମ୍‌ଠାରେ ଖେଳାଯିବ ।